# NATIONAL BULLETIN (ODIA)

## Morning : 7.15 a.m.

## 4 August - 2024

*******************************

## ମୁଖ୍ୟ ସମ୍ବାଦ

- ରାଜଭବନ ସହିତ ସାଧାରଣ ଲୋକଙ୍କ ସମ୍ପର୍କ ବୃଦ୍ଧି ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଲୋକ ଅଦାଲତ ନ୍ୟାୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଛି; କହିଲେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼
- ଭାରତର କୃଷି ସମ୍ଭାବନା ଏବଂ ସାମଗ୍ରୀକ ଅଭିବୃଦ୍ଧିକୁ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞଙ୍କ ପ୍ରଶଂସା
- ଆସାମର ମୋରିଗାଓଁରେ ଟାଟା ସେମିକଣ୍ଡକ୍ଟର ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସୂଚନା ଦେଲେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଏବଂ

- ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଆଜି କଲମ୍ବୋଠାରେ ହେବ ଅନୁଷ୍ଠିତ

# ଏନ୍‌ଟି ପ୍ରେଜ୍- ଗଭର୍ଣ୍ଣସ କନଫରେନ୍ସ

ରାଜ୍ୟଗୁଡ଼ିକର ସାମଗ୍ରୀକ ଏବଂ ନିରନ୍ତର ଉନ୍ନତି ଦ୍ୱାରା ଦେଶର ବିକାଶ ତ୍ୱରାନ୍ୱିତ ହୋଇଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀର ଗତକାଲି ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି। ସେ କହିଛନ୍ତି, ଜାଣିବାର ପ୍ରୟାସ ଲକ୍ଷ୍ୟରେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟପାଳମାନଙ୍କ ସାମୂହିକ ପ୍ରୟାସକୁ ରାଷ୍ଟ୍ରପତି ମୁର୍ମୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ସମ୍ମିଳନୀରେ ଉପସ୍ଥାପନ କରାଯାଇଥିବା ବିଭିନ୍ନ ପରାମର୍ଶକୁ କାର୍ଯ୍ୟକାରୀ କରାଯିବା ପାଇଁ ସେ ଆଶାପୋଷଣ କରିଛନ୍ତି। ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ତା'ର ପ୍ରକୃତ ହିତାଧିକାରୀ ପାଖରେ ପହଁଞ୍ଚିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହାଦ୍ୱାରା ସମାଜରେ ଉନ୍ନତି ସମ୍ଭବ ହୋଇପାରିବ। ରାଜଭବନ ସହିତ ସାଧାରଣ ଲୋକଙ୍କର ସମ୍ପର୍କ ବୃଦ୍ଧି ପାଇଁ ପ୍ରୟାସ କରିବାକୁ ରାଷ୍ଟ୍ରପତି ରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଯୋଗଦେଇ କହିଛନ୍ତି, ସମ୍ମିଳନୀରେ ବିଭିନ୍ନ ଗୁରୁତ୍ୱ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ

ଆଲୋଚନା ହୋଇଛି। ପ୍ରଭାବଶାଳୀ କାର୍ଯ୍ୟ ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ନିରନ୍ତର ଯୋଗାଯୋଗ ବଜାୟ ରଖିବା ଏବଂ ଯୋଜନାର ରୂପାୟନ ସମ୍ପର୍କରେ ସୂଚନା ମାଗିବା ଉଚିତ ବୋଲି ଶ୍ରୀ ଧନଖଡ଼ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜଭବନରେ ଶାସନରେ ଏକ ଆଦର୍ଶ ଢାଞ୍ଚା ବିକଶିତ କରିବାକୁ ଅନୁରୋଧ କରିଛନ୍ତି। ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟକ୍ଷେତ୍ରରେ ସାମିଲ କରିବା ଏବଂ ଡିଜିଟାଇଜେସନ୍‌କୁ ପ୍ରୋତ୍ସାହିତ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରଥମଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀ ଗତ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି।

## ଏସ୍‌ସି-ଲୋକ ଅଦାଲତ

ନ୍ୟାୟ ପ୍ରଦାନକୁ ଲୋକ ଅଦାଲତ ମାଧ୍ୟମରେ ହିତାଧିକାରୀଙ୍କ ଦ୍ୱାରଦେଶରେ ପହଁଞ୍ଚାଇବାର ପ୍ରୟାସ କରାଯାଇଛି ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। ସୁପ୍ରିମକୋର୍ଟରେ ବିଚାରଧୀନ ମାମଲାଗୁଡ଼ିକର ଆପୋଷ ଫଇସଲା ଲକ୍ଷ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଲୋକ ଅଦାଲତର ଗତକାଲି ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ଏହା କହିଛନ୍ତି। ଲୋକ

ଅଦାଲତ ନ୍ୟାୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଛି । ଆପୋଷ ଫଇସଲା ମାଧ୍ୟମରେ ବିଭିନ୍ନ ଅଦାଲତରେ ପଡ଼ିରହୁଥିବା ମାମଲାଗୁଡ଼ିକର ସହଜ ଏବଂ ସରଳ ଉପାୟରେ ସମାଧାନ ହୋଇପାରୁଛି ବୋଲି ସେ କହିଛନ୍ତି ।

ଏଥିରେ ଯୋଗଦେଇ ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁରାମ ମେଘୱାଲ କହିଛନ୍ତି, ଏହି ଲୋକ ଅଦାଲତରେ ୧ ହଜାରରୁ ଅଧିକ ମାମଲାର ଫଇସଲା ହୋଇଛି । ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ଭାରତୀୟ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଏକ ସପ୍ତାହ ଧରି ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଲୋକ ଅଦାଲତ ଗତ ୨୯ ତାରିଖଠାରୁ ଆରମ୍ଭ ହୋଇଥିଲା ।

## ଏଗ୍ରିକଲଚର-ଡେଲିଗେଟ୍ସ

ନୂଆଦିଲ୍ଲୀଠାରେ ଚାଲିଥିବା ୩୨ତମ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ସମ୍ମିଳନୀରେ ବିଦେଶୀ ପ୍ରତିନିଧିମାନେ ଭାରତର କୃଷି ସମ୍ଭାବନା ଏବଂ ଏହାର ସାମଗ୍ରୀକ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି । ୬ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀକୁ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ବାଂଲାଦେଶର ପ୍ରତିନିଧି ହାସମିନ୍ ବିଶ୍ୱ କୃଷି କ୍ଷେତ୍ରରେ ଭାରତର ସ୍ଥିତିକୁ ପ୍ରଶଂସା କରି କହିଛନ୍ତି, ବିଶ୍ୱର କୃଷିଜାତ ଦ୍ରବ୍ୟର ଏକ

ଅଗ୍ରଣୀ ଉତ୍ପାଦନକାରୀ ଦେଶ ଭାବେ ଭାରତ ନିଜକୁ ପ୍ରତିପାଦିତ କରିପାରିଛି। କୃଷି ଶିକ୍ଷା ଏବଂ ଭିତ୍ତିଭୂମି ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କେନିଆର ପ୍ରତିନିଧି ଡୋଡୋ ମକୁଆ କହିଛନ୍ତି, କୃଷି କ୍ଷେତ୍ରରେ ଭାରତ ଦ୍ରୁତ ବିକାଶ କରୁଛି। ପାରମ୍ପରିକ କୃଷି ଅଭିବୃଦ୍ଧି ମାଧ୍ୟମରେ ଭାରତ ଏକ ବଳକା ଖାଦ୍ୟର ଦେଶ ହେବା ସହ ଅନ୍ୟ ଦେଶକୁ ଖାଦ୍ୟ ଯୋଗାଣ କରିପାରୁଛି ବୋଲି ସେ କହିଛନ୍ତି। ଜାପାନର ପ୍ରତିନିଧି ସୋବ୍ରେନ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଏବଂ ରପ୍ତାନୀ କରିବାରେ ଭାରତର ଦକ୍ଷତାକୁ ଉଚ୍ଚପ୍ରଶଂସା କରିଛନ୍ତି। ପାରମ୍ପରିକ ବ୍ୟବସ୍ଥା ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପାଇଁ ଭାରତ ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସମ୍ମିଳନୀର ଉଦ୍‌ଘାଟନ ସମାରୋହକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏକ ସୁଦୃଢ଼ କୃଷିକ୍ଷେତ୍ର ସହିତ ଖାଦ୍ୟ ବଳକା ଦେଶର ମାନ୍ୟତା ପାଇଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ମାଧ୍ୟମରେ କ୍ଷୁଧା ଏବଂ ପୁଷ୍ଟିହୀନତା ସମସ୍ୟାର ସମାଧାନ କରିବାରେ ଭାରତ ନିଜର ଅଭିଜ୍ଞତାକୁ ଉପଯୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ବୈଷ୍ଣବ ସେମିକଣ୍ଡକ୍ଟର

କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସାମର ମୋରିଗାଓଁରେ ଟାଟା ସେମିକଣ୍ଡକ୍ଟର ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନୂଆଦିଲ୍ଲୀ ଠାରେ କାରାଖାନା ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ୨୭ ହଜାର କୋଟି ଟଙ୍କା ବିନିଯୋଗରେ ଏହି ୟୁନିଟ୍ ପ୍ରତିଷ୍ଠା କରାଯାଉଛି। ଏହାଦ୍ୱାରା ୧୫ ହଜାର ପ୍ରତ୍ୟକ୍ଷ ଏବଂ ପ୍ରାୟ ୧୩ ହଜାର ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ବୃହତ୍ ସେମିକଣ୍ଡକ୍ଟର ପ୍ଲାଣ୍ଟରୁ ଦୈନିକ ୪ କୋଟି ୮୩ ଲକ୍ଷ ଚିପ୍ ଉତ୍ପାଦିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଉତ୍ପାଦିତ ଚିପ୍‌କୁ ଇ-ଯାନ, ଯୋଗାଯୋଗ ଏବଂ ନେଟ୍‌ୱର୍କ ଭିତ୍ତିଭୂମିରେ ବ୍ୟବହାର କରାଯାଇପାରିବ। ସେ କହିଛନ୍ତି, ଗତ ଫେବୃଆରୀ ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଆସାମର ମୋରିଗାଓଁରେ ଟାଟା ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ନେଇ ଅନୁମୋଦନ କରାଯାଇଥିଲା।

# ଅର୍ଗାନିକଫାର୍ମ

ଆଗାମୀ ୮ ବର୍ଷ ମଧ୍ୟରେ ଭାରତ ୨୦ ପ୍ରତିଶତ ଅଞ୍ଚଳକୁ ଜୈବିକ କୃଷି ଅଧୀନରେ ସାମିଲ କରିବ ବୋଲି ନୀତି ଆୟୋଗ ସଦସ୍ୟ ତଥା ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ପ୍ରଫେସର ରମେଶ ଚାନ୍ଦ କହିଛନ୍ତି। ନୂଆଦିଲ୍ଲୀ

ଠାରେ ଚାଲିଥିବା ୩୨ତମ ଆନ୍ତର୍ଜାତିକ ସମ୍ମିଳନୀରେ ଅଧ୍ୟକ୍ଷତା କରୁଥିବା ପ୍ରଫେସର ଚାନ୍ଦ ଆକାଶବାଣୀ ସମ୍ବାଦକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି, ପ୍ରାକୃତିକ ଏବଂ ଜୈବିକ କୃଷିରେ ବିଜ୍ଞାନକୁ ବ୍ୟବହାର କରାଯିବାର ଆବଶ୍ୟକତା ରହିଛି। ଏହା ଉତ୍ପାଦକତା ବୃଦ୍ଧି କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।

## ଅମରନାଥ ଯାତ୍ରା

ଜାମ୍ମୁ-କାଶ୍ମୀରର ଭଗବତୀ ନଗର ଯାତ୍ରୀ ନିବାସ ମୂଳ କ୍ୟାମ୍ପରୁ ଆଜି ୧ ହଜାର ୧୧୨ ଜଣ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା କରିଛନ୍ତି। ୪୦ ବାହନରେ ସେମାନେ ଯାତ୍ରା କରୁଛନ୍ତି। ସେମାନଙ୍କ ମଧ୍ୟରେ ୯୧୦ ଜଣ ପୁରୁଷ, ୧୫୯ ଜଣ ମହିଳା, ୩୧ ଜଣ ସାଧୁ ଏବଂ ୧୨ ଜଣ ସାଧ୍ୱୀ ଅଛନ୍ତି। ଏହି ଶ୍ରଦ୍ଧାଳୁଙ୍କ ମଧ୍ୟରେ ୨୦୪ ଜଣ ବାଲତାନ୍ ମୂଳ କ୍ୟାମ୍ପ ଏବଂ ୯୦୮ ଜଣ ପେହେଲଗାଓଁ ମୂଳ କ୍ୟାମ୍ପ ଦେଇ ଯାତ୍ରା କରୁଛନ୍ତି।

## କେରଳ ୱାୟନାଡ଼

କେରଳ ଭୂସ୍ଖଳନ ଘଟଣାରେ ଉଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଆଜି ସକାଳୁ ପ୍ରଭାବିତ ଅଞ୍ଚଳରେ ପୁଣିଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗତକାଲି ସନ୍ଧ୍ୟାରେ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ

ସ୍ଥାନାନ୍ତରିତ କରାଯାଇ  ରିଲିଫ୍ କ୍ୟାମ୍ପ ମାଧ୍ୟମରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟ କହିଛନ୍ତି, ଖୁବ୍‌ଶୀଘ୍ର  ପ୍ରଭାବିତ ଲୋକଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ୧୦ ହଜାରରୁ ଅଧିକ ଲୋକ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ସେ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇପାରି ନ ଥିବା ମୃତଦେହ ଗୁଡ଼ିକର ଡିଏନ୍‌ଏ ସଂଗ୍ରହ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାଯାଇଛି।

## ଅଲିମ୍ପିକ୍ସ

ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କିତ କିଛି ଖବର।
ମହିଳା ୨୫ ମିଟର ବନ୍ଧୁକ ଚାଳନା ପ୍ରତିଯୋଗିତାରେ ମନୁ ଭାକଡ଼ ଚତୁର୍ଥ ସ୍ଥାନରେ ରହିଥିଲେ। ମାତ୍ର ୧ ପଏଣ୍ଟ ବ୍ୟବଧାନରେ ସେ ତୃତୀୟ ଅଲିମ୍ପିକ୍ସ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ମହିଳା ୧୦ ମିଟର ଏୟାର ପିସ୍ତଲ ଏକକ ଏବଂ ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ବର୍ଗରେ ମନୁ ଭାକଡ଼ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ତିରନ୍ଦାଜ ପ୍ରତିଯୋଗିତାରେ ଦୀପିକା କୁମାରୀଙ୍କର ଅଭିଯାନ ଶେଷ ହୋଇଛି। କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ପ୍ରତିଯୋଗୀଙ୍କ ଠାରୁ ୪-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ସେହିଭଳି ଭଜନ କୌର ଗତକାଲି ମହିଳା ଏକକ ବର୍ଗ ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପରାଜିତ ହୋଇଛନ୍ତି।

ମହିଳା ସ୍କିଟ୍ ସୁଟିଂ ପ୍ରତିଯୋଗିତାରେ ମାହେଶ୍ୱରୀ ଚୌହ୍ୱାନ ଗତକାଲି ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ଦିନରେ ମୋଟ୍ ୭୧ ପଏଣ୍ଟ ସ୍କୋର କରି ଅଷ୍ଟମ ସ୍ଥାନରେ ରହିଛନ୍ତି। ଏହି ପର୍ଯ୍ୟାୟର ଆଉ ଦୁଇ ରାଉଣ୍ଡ ମୁକାବିଲା ଆଜି ଅନୁଷ୍ଠିତ ହେବ। ପ୍ରଥମ ୬ଟି ସ୍ଥାନରେ ସ୍ଥାନିତ ହେଲେ ମାହେଶ୍ୱରୀ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ। ପୁରୁଷ ୭୨ କିଲୋଗ୍ରାମ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ନିଶାନ୍ତ ଦେବ ପରାସ୍ତ ହୋଇଛନ୍ତି। ମେକ୍ସିକୋର ଆଲ୍‌ଭାରେଜ୍ ଆଲୋସାଙ୍କ ନିକଟରୁ ୪-୧ ପଏଣ୍ଟରେ ହାରି ଯାଇଛନ୍ତି। ପୁରୁଷ ହକି ପ୍ରତିଯୋଗିତାରେ ଆଜି ଭାରତ-ଗ୍ରେଟ୍‌ବ୍ରିଟେନ୍ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତି ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଲିଗ୍ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୫ଟି ମ୍ୟାଚ୍‌ରେ ତିନୋଟି ବିଜୟ, ଗୋଟିଏ ଲେଖାଏଁ ପରାଜୟ ଏବଂ ଡ୍ର' ସହ ୧୦ ପଏଣ୍ଟ ପାଇ ଗ୍ରୁପ୍ ତାଲିକାର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି।

## କ୍ରିକେଟ

ଭାରତ-ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି କଲମ୍ବୋର ପ୍ରେମଦାଶା ଷ୍ଟାଡିୟମ୍‌ଠାରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ଆଗୁଆ ରହିବାକୁ

ଚେଷ୍ଟା କରିବ। ପ୍ରଥମ ମ୍ୟାଚ୍‌ଟି ଅମୀମାଂସିତ ଭାବେ ଶେଷ ହୋଇଥିଲା। ଗତ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୨୩୦ ରନ୍ ସଂଗ୍ରହ କରିଥିଲା। ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ସମସ୍ତ ୱିକେଟ ହରାଇ ୨୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା।